= ସୁକବି =

ରଚୟିତା ଲଲାଟେନ୍ଦୁ କବି

ଞ

ସତ୍କବି

ଉପୋଦ୍ଘାତ:

ଏହି କବିତାର ସମସ୍ତ ପଦ ବିଭିନ୍ନ ଛନ୍ଦରେ ରଚିତ । ଛନ୍ଦ କଣ? ସମସ୍ତେ ବୁଝିଲା ଭାଷାରେ ଉତ୍ତର ଶୁଣନ୍ତୁ ।

କାବ୍ୟଲିଖନରେ ଶୃଙ୍ଖଳାର ନାମ ଛନ୍ଦ । ତେଣୁ ଛନ୍ଦଃଶାସ୍ତ୍ରକୁ କାବ୍ୟର ବ୍ୟାକରଣ ବୋଲି ମଧ୍ୟ କୁହା ଯାଏ । ଏହି ଶାସ୍ତ୍ର ପିଙ୍ଗଳ ମୁନିଙ୍କ ରଚିତ । ଛନ୍ଦରେ ଥାଇ ପାରେ ଅକ୍ଷରସଜ୍ଜାର ଶୃଙ୍ଖଳା (ଅର୍ଥାତ୍ ଲଘୁ-ଗୁରୁ ବର୍ଣ୍ଣସଜ୍ଜାର ଶୃଙ୍ଖଳା) ଅଥବା ବିଭିନ୍ନ ପାଦରେ ମାତ୍ରାବିନ୍ୟାସର ଶୃଙ୍ଖଳା ।

ଛନ୍ଦ ମୁଖ୍ୟତଃ ଦୁଇ ପ୍ରକାର - ବୈଦିକ ଛନ୍ଦ ଓ ଲୌକିକ ଛନ୍ଦ ।

୧- ବୈଦିକ ଛନ୍ଦଗୁଡିକରେ କେବଳ ଅକ୍ଷରସଂଖ୍ୟାର ନିୟମ ତଥା ଶୃଙ୍ଖଳା ରହି ଥାଏ । ଏହି ଛନ୍ଦଗୁଡିକ ବେଦ ବାହାରେ କୁତ୍ରାପି ଲେଖା ଯାଏ ନାହିଁ କି ଦେଖା ଯାଏ ନାହିଁ । ଏପରି କି ଆଦି କବି ବାଲ୍ମୀକି ମଧ ପଦେ ବି କବିତା ବୈଦିକ ଛନ୍ଦରେ ଲେଖି ନାହାନ୍ତି । ଏହାର ଆଦର ଓ ପବିତ୍ରତା କେବଳ ବେଦରେ ।

୨- ଲୌକିକ ଛନ୍ଦ ବର୍ଣ୍ଣଶୃଙ୍ଖଳାରେ ଅଥବା ମାତ୍ରା ଶୃଙ୍ଖଳାରେ ଲେଖା ହୁଏ । ଏହା କିପରି ହୁଏ ଜାଣିବାକୁ କାବ୍ୟରେ ବର୍ଣ୍ଣ ଓ ମାତ୍ରା କଣ ଜାଣିବା ପ୍ରୟୋଜନ ।

ପ୍ରଥମେ ଲଘୁ ଓ ଗୁରୁ ବର୍ଣ୍ଣର ଭେଦ ଜାଣି ନିଅନ୍ତୁ । ଯାହାର ଉଚ୍ଚାରଣ ଅଳ୍ପ ସମୟ ନିଏ ତାହା ଲଘୁ ଓ ଅଧିକ ସମୟ ନେଉଥିବା ବର୍ଣ୍ଣ ଗୁରୁ । ଏହି ଉଚ୍ଚାରଣ ସମୟକୁ ମାତ୍ରା କୁହାଯାଏ । ଏଥିରେ ଅନୁପାତ ହେଲା ଉଚ୍ଚାରିତ ହେବାକୁ ଲଘୁ ବର୍ଣ୍ଣ ଏକ ମାତ୍ରା ଓ ଗୁରୁ ବର୍ଣ୍ଣ ଦୁଇ ମାତ୍ରା ସମୟ ନିଅନ୍ତି ।

ନିମ୍ନସ୍ଥ ଛ ପ୍ରକାର ବର୍ଣ୍ଣ ଗୁରୁ:

୧- ସମସ୍ତ ଦୀର୍ଘସ୍ୱର (ଆ ଈ ଊ ୠ ଏ ଐ ଓ ଔ) ।

୨- ସାନୁସ୍ୱାର ବା ଅନୁସ୍ୱାରଯୁକ୍ତ ବର୍ଣ୍ଣ ।

୩- ସବିସର୍ଗ ବା ବିସର୍ଗଯୁକ୍ତ ବର୍ଣ୍ଣ ।

୪- ଯୁକ୍ତାକ୍ଷରର ପୂର୍ବସ୍ଥ ବର୍ଣ୍ଣ ।

୫- ଶୁଦ୍ଧ ବ୍ୟଞ୍ଜନ ବା ହଳନ୍ତକ ବର୍ଣ୍ଣର ପୂର୍ବସ୍ଥ ବର୍ଣ୍ଣ ।

୬- ଏତଦ୍ଭିନ୍ନ ପ୍ରତି ପାଦର ଶେଷସ୍ଥ ବର୍ଣ୍ଣକୁ ଲଘୁ ଥିଲେ ମଧ ଆବଶ୍ୟକ ସ୍ଥଳେ ଗୁରୁର ମାନ୍ୟତା ଦିଆ ଯାଇଥାଏ ।

ଏହା ବାଦ ସମସ୍ତ ବର୍ଣ୍ଣ ଲଘୁ । ସ୍ମରଣୀୟ ଯେ ଶୁଦ୍ଧ ରୂପରେ ବ୍ୟଞ୍ଜନ ବର୍ଣ୍ଣ (ଯଥା କ୍ ଖ୍ ତ୍ ମ୍ ସ୍ ଇତ୍ୟାଦି) ସ୍ୱର ବର୍ଣ୍ଣର ସହାୟତା ବିନା ଉଚ୍ଚାରିତ ହେଇ ପାରନ୍ତି ନାହିଁ, କି ଉଚ୍ଚାରଣ ପାଇଁ ସମୟ ସମୟ ବି ମାଗନ୍ତି ନାହିଁ । ତେଣୁ ଏଗୁଡିକର ମାତ୍ରା ନ ଥାଏ ଅର୍ଥାତ୍ ମାତ୍ରା ଶୂନ୍ୟ ବୋଲି ଗଣନା ହୁଏ ।

ଏହି ଲୌକିକ ଛନ୍ଦ ପୁଣି ଦୁଇ ପ୍ରକାର –

ବର୍ଣ୍ଣକ୍ରମର ଶୃଙ୍ଖଳାରେ ରଚିତ ଛନ୍ଦ ବାର୍ଣ୍ଣିକ ଛନ୍ଦ ମାତ୍ରାଗଣନର ଶୃଙ୍ଖଳାରେ ରଚିତ ଛନ୍ଦ ମାତ୍ରିକ ଛନ୍ଦ ନାମରେ ଅଭିହିତ ।

ବାର୍ଣ୍ଣିକ ଛନ୍ଦରେ ତିନିଟି ଲେଖା ଅକ୍ଷରର ସମଷ୍ଟି (set)କୁ ନେଇ ବିଭିନ୍ନ ଗଣ ନାମ ଦିଆ ଯାଇଛି । ଏହାର ପ୍ରତି ପାଦର ଲଘୁ ଓ ଗୁରୁବର୍ଣ୍ଣର କ୍ରମିନ୍ୱୟରେ ଗୋଟି ଗୋଟି ବର୍ଣ୍ଣ ଆକାରରେ ଅଥବା ଗଣ ନାମରେ ବି ଲିପିବଦ୍ଧ କରା ଯାଇ ପାରେ । ଯଥା ସର୍ବଲଘୁ ଗଣ ବା III ର ନାମ ନଗଣ, IIS ସଗଣ, ISI ଜଗଣ, ISS ୟଗଣ SII ଭଗଣ, SIS ରଗଣ, SSI ତଗଣ ଓ ସର୍ବଗୁରୁ ବା SSS ର ନାମ ମଗଣ । (ଏଠାରେ ଇଂରାଜୀ I-ଅକ୍ଷର ଲଘୁ ବା ଏକମାତ୍ରିକ ବର୍ଣ୍ଣର ଓ S-ଅକ୍ଷର ଗୁରୁ ବା ଦ୍ୱିମାତ୍ରିକ ବର୍ଣ୍ଣର ପ୍ରତୀକ ।)

ବର୍ଣ୍ଣକ୍ରମଗୁଡିକୁ ଏପରି ଗଣ ଆକାରରେ ମଧ ପ୍ରକାଶ କରା ଯାଉ ଥିବାରୁ ବାର୍ଣ୍ଣିକ ଛନ୍ଦକୁ ଗଣଛନ୍ଦ ବୋଲି ମଧ କୁହା ଯାଏ ।

ପୁରୁଣା ଗ୍ରନ୍ଥମାନଙ୍କରେ ଗୁରୁ ବର୍ଣ୍ଣ ପାଇଁ ଇଂରାଜୀ S-ଅକ୍ଷର ପରି ଓ ଲଘୁ ବର୍ଣ୍ଣ ପାଇଁ ଇଂରାଜୀର I-ଅକ୍ଷର ପରି ଚିହ୍ନ ପ୍ରଯୁକ୍ତ ହେଉ ଥିଲା ଓ ଏବେ ମଧ ଅନେକ ପୁସ୍ତକ ଓ ଲେଖାରେ ସେହି ପରି ଲେଖା ହେଉଛି । ତା ଛଡା ଅନେକେ ଲଘୁ ବା ଏକମାତ୍ରିକ ବର୍ଣ୍ଣ ପାଇଁ 1 ଓ ଗୁରୁ ବା ଦ୍ୱିମାତ୍ରିକ ବର୍ଣ୍ଣ ପାଇଁ 2 ଅଙ୍କକୁ ପ୍ରତୀକ ଭାବେ ବ୍ୟବହାର କରୁଛନ୍ତି । ଏହି ଉଭୟ ବାଦ ଅନ୍ୟ କିଛି କିଛି ପ୍ରତୀକର ବି ପ୍ରଚଳନ ଅଛି । ଏହି ପୁସ୍ତିକାରେ S ଗୁରୁବର୍ଣ୍ଣର ଓ I ଲଘୁ ବର୍ଣ୍ଣର ପ୍ରତୀକ ।

୨.୧- **ବାର୍ଣ୍ଣିକ ଛନ୍ଦ**: ଏହାର ପ୍ରତି ପାଦରେ ଲଘୁ ଓ ଗୁରୁବର୍ଣ୍ଣର କ୍ରମରେ ନିର୍ଦ୍ଧାରିତ ଶୃଙ୍ଖଳା ରହେ ଅର୍ଥାତ୍, ଲଘୁ ସ୍ଥାନରେ ଲଘୁ ଓ ଗୁରୁ ସ୍ଥାନରେ ଗୁରୁ ବର୍ଣ୍ଣ ଲେଖିବାକୁ ହୁଏ ।

୨.୨- **ମାତ୍ରିକ ଛନ୍ଦ**: ମାତ୍ରାବିନ୍ୟାସର ଶୃଙ୍ଖଳାରେ ରଚିତ ଛନ୍ଦ ହେଲା ମାତ୍ରିକ ଛନ୍ଦ । ଏଥିରେ ପ୍ରତି ପାଦର ମୋଟ ମାତ୍ରା ନିର୍ଦ୍ଧାରିତ ଥାଏ । ତାହା ଛଡା ସାଧାରଣତଃ ଅନ୍ୟ କିଛି କିଛି ଲଘୁ-ଗୁରୁ ବର୍ଣ୍ଣ ନିୟମ ବି ଯୋଡା ଯାଇ ଥାଏ । ଯଥା ଦୋହା ଛନ୍ଦରେ ପ୍ରଥମ, ତୃତୀୟ ପାଦରେ ଆର୍ଥାତ୍

ବିଷମ ପାଦରେ ମୋଟ ୧୩, ୧୩ ଏବଂ ଦ୍ୱିତୀୟ, ଚତୁର୍ଥ ପାଦରେ ଅର୍ଥାତ୍ ସମ ପାଦରେ ମୋଟ ୧୧, ୧୧ ମାତ୍ରା ରହେ । ତା ସହିତ ପ୍ରଥମ, ତୃତୀୟ ପାଦ ଆରମ୍ଭରେ ଜଗଣ ରହିବା ନିଷିଦ୍ଧ ଓ ଦ୍ୱିତୀୟ, ଚତୁର୍ଥ ପାଦ ଶେଷକୁ ଲଘୁ ବର୍ଣ୍ଣ ରହିବା ନିଧାର୍ଯ୍ୟ ।

୩.୧ - **ସାର କଥା** ହେଲା ଯାହା ବର୍ଣ୍ଣ କିମ୍ବା ମାତ୍ରାର ଶୃଙ୍ଖଳାରେ ଲେଖା ହେଇ ନାହିଁ ତାହା ଛନ୍ଦରେ ଗଣ୍ୟ ନୁହେଁ । ଅକ୍ଷର ଗଣି ଗଣି ଶେଷାକ୍ଷର ମିଶେଇ ଦେଲେ ଗୀତକବିତା ହେଇ ପାରେ କିନ୍ତୁ ସେତିକିରେ ଛନ୍ଦ ହୁଏ ନାହିଁ କି ଛନ୍ଦଃଶାସ୍ତ୍ର ତାକୁ ଛନ୍ଦର ମାନ୍ୟତା ଦିଅନ୍ତି ନାହିଁ ।

ଆମର ଶିକ୍ଷାନୁଷ୍ଠାନଗୁଡିକ ବହୁ ବର୍ଷରୁ ଯେ କୌଣସି "ପଦପଟା" କବିତାକୁ ଛନ୍ଦ ବୋଲି ପଢେଇ ଚାଲିଛନ୍ତି । ଏହା ଫଳରେ ରାଜ୍ୟର ଛାତ୍ରଙ୍କ ପ୍ରତି ଶୈକ୍ଷିକ ପ୍ରବଞ୍ଚନା ତ ହେଉଛି, ତତ୍ସହ ରାଜ୍ୟରେ ଛନ୍ଦର ବିକାଶ ଅସମ୍ଭବପ୍ରାୟ ହେଇ ପଡିଛି । ତ୍ରୁଟିପୂର୍ଣ୍ଣ ଶିକ୍ଷାଦାନ କି ଭୟାବହ ସତେ ।

ସତ୍କବି କବିତାରେ ଛନ୍ଦ:

ଏହି କବିତାର ପଦଗୁଡିକ ୬ ବିଭିନ୍ନ ବାର୍ଣ୍ଣିକ ଛନ୍ଦରେ ରଚିତ । ପ୍ରଯୁକ୍ତ ଛନ୍ଦଗୁଡିକର ନାମ କ୍ରମଶଃ ହେଲା — ମାଳିନୀ, ଭୁଜଙ୍ଗପ୍ରୟାତ, ତୋଟକ, ବସନ୍ତତିଳକା, ପୃଥ୍ୱୀ ଓ ବଂଶସ୍ଥ । ଏ ସବୁ ବାର୍ଣ୍ଣିକ ଛନ୍ଦ । ଏହି ସବୁ ଛନ୍ଦର ବର୍ଣ୍ଣକ୍ରମ ମଧ୍ୟ କବିତାର ଶେଷ ପରେ ପ୍ରତୀକରେ ଦିଆ ଯାଇଛି ।

ଯଦି ମୁଁ କୌଣସିଠି ଏହି ବର୍ଣ୍ଣଗୁଡିକର ସଂସ୍ଥାପନରେ ଗୋଟିଏ ହେଲେ ଅକ୍ଷରରେ ଲଘୁ-ଗୁରୁ ତ୍ରୁଟି ରଖି ଥାଏ ତେବେ ସେଠାରେ ଛନ୍ଦୋଭଙ୍ଗ ହେଇଛି ଓ ସେହି ପଦଟି ଛନ୍ଦରେ ଗଣ୍ୟ ହେବ ନାହିଁ ।

ଇତି ବିନୀତ **ଲଲାଟେନ୍ଦୁ କବି** ।

ସକ୍ରବି

==========================

ରଚୟିତା: ଲଲାଟେନ୍ଦୁ କବି

==========================

ଶ୍ରବଣ କରି ଅକସ୍ମାତ୍ ସକ୍ରବିଙ୍କ ପ୍ରଣୀତା
ସରସମଧୁର ଶବ୍ଦେ ସୁରତା ମର୍ମଗାଥା ।
ଅଛି କି ବିରହତପ୍ତା ଯୋଷିତା ଦୂରସଂସ୍ଥା
ରହିବ ନ କରି ବର୍ଷା ନେତ୍ରୁ ଯେ ଅଶ୍ରୁଧାରା ॥01

(ଛନ୍ଦ: ମାଳିନୀ)

ସୁରତ= ସହାନୁଭୂତିଶୀଳ; ଯୋଷିତା= ନାରୀ: ଦୂରସଂସ୍ଥ= ପ୍ରିୟଜନଠୁ ଦୂରରେ ସ୍ଥିତ;

ବିଶେଷେ ଥିଲେ ଦୁଃଖିନୀ ଶୁକ୍ତଦେଶେ
ହିମ ଜ୍ୟୋସ୍ନରାତ୍ରେ ବିନିଦ୍ରା ଉଦାସେ ।
କଦାଚିତ୍ ସୁଧୀରା କଦାଚିତ୍ ଅଧୀରା
କ୍ଷଣେ ରୁଦ୍ଧବକ୍ତ୍ରା କ୍ଷଣେ ସିକ୍ତନେତ୍ରା ॥ 02

(ଛନ୍ଦ: ଭୁଜଙ୍ଗପ୍ରୟାତମ୍)

ଶୁକ୍ତ= ନିର୍ଜନ;

ଯହିଁ ଦୁଃଖ କି ଦୁଃଖିମନୁଷ୍ୟ ମିଳେ
ତହିଁ ସେ ସ୍ଥିତ ନାହିଁ ବିଭେଦ ତିଳେ ।
ପ୍ରତି ସତ୍କବି ସଜ୍ଜନ ସପ୍ତ ଭବେ
କିଛି ସଜ୍ଜନ ସତ୍କବି ମଧ୍ୟ ଥିବେ ॥ 03

(ଛନ୍ଦ: ତୋଟକ)

ଯେ ଥାନ୍ତି ସତ୍କବିର ସୂକ୍ତ ରସାଳ ପଦ୍ୟ
କର୍ଣ୍ଣେ ପ୍ରବେଶୁ ପଛକେ ଅନପେକ୍ଷ ଚିତ୍ତେ ।
ସେ ଫୁଲ୍ଲ ମଲ୍ଲିବନରେ ନ ଲଭନ୍ତି ଗନ୍ଧ
ନାସା ରଖନ୍ତି ହତଚେତନ ଢାଙ୍କି ହାତେ ॥04

(ଛନ୍ଦ: ବସନ୍ତତିଳକା)

ଅନପେକ୍ଷ= ନିର୍ବିକାର, **indifferent**; ସୂକ୍ତ= ଉତ୍ତମ ଭାବେ କଥିତ, **well saud**; ଫୁଲ୍ଲ= ବିକଶିତ, ଫୁଟନ୍ତା, **blown**; ହତଚେତନ= ଭକୁ, ନିର୍ବୁଦ୍ଧିଆ,ଗବା, **idiot-shala**;

ମୋ ବାଣି! ଦୁଃଖ କରନାହିଁ ନିରାଦରେ ଗୋ
ମାତ୍ସର୍ଯ୍ୟମଗ୍ନ ବହୁଧା ଖଳ ବିଶ୍ୱ ମଧ୍ୟେ ।
କାବ୍ୟପ୍ରସୂନ ସୁଜନଙ୍କ ନିମିତ୍ତ ସୃଷ୍ଟ
ତାହାଙ୍କ ଚିତ୍ତ ଭରି ପାରିବୁ ତୋ ସୁଗନ୍ଧେ ॥ 05

(ଛନ୍ଦ: ବସନ୍ତତିଳକା)

ବହୁଧା= ବିଭିନ୍ନ ପ୍ରକାରର;

ସମ୍ବୁଦ୍ଧ ସଜ୍ଜନ ହୃଦେ ରସଭାବ ଥାଏ
କାବ୍ୟେ ସମସ୍ତ ରସ ଲବ୍ଧ ହୁଅନ୍ତି ସଙ୍ଗେ ।
ଦୁଷ୍ଟଙ୍କ ଅନ୍ତରଠି ସେ ମଦିରା ନ ଯାଏ
ପୀୟୂଷ ପାନ କରି ରାହୁ ରଖେ କି ଅଙ୍ଗେ ॥ 06

(ଛନ୍ଦ: ବସନ୍ତତିଳକା)

ସମ୍ବୁଦ୍ଧ= ଜ୍ଞାନୀ; ରସଭାବ= ରସପ୍ରେମ; ସଙ୍ଗେ= ଏକତ୍ର; ପୀୟୂଷ= ଅମୃତ; ରଖେ କି ଅଙ୍ଗେ= ବାନ୍ତି କରି ଦିଏ;

ଅର୍ଥାନ୍ତରେ ଚତୁର ସତ୍କବି ତାଙ୍କ ଶବ୍ଦେ
ନାନାଦି ଗୁପ୍ତ ବିଷୟେ ରଖିଥାନ୍ତି ଚିନ୍ତା ।
ଶ୍ଳେଷାଦି ଚୋର ସମ ଶବ୍ଦର ଶକ୍ରଜାଲେ
ଧୀମାନ୍ ସୁପାଠକ ବୁଝେ ଅତିରିକ୍ତବାର୍ତ୍ତା ॥ 07

(ଛନ୍ଦ: ବସନ୍ତତିଳକା)

ଅର୍ଥାନ୍ତରେ= ଅନ୍ୟ (ପ୍ରଚ୍ଛନ୍ନ) ଅର୍ଥରେ; ଚିନ୍ତା= (କବିଙ୍କ) ଭାବନା; ଶକ୍ରଜାଲ= ଇନ୍ଦ୍ରଜାଲ, ଜାଦୁ;

ଗୁର୍ବର୍ଥ ଥାଇ ଯଦି ନାହିଁ ବିଶୁଦ୍ଧ ଭାଷା
ଭାଷା ବିଶୁଦ୍ଧ ଥିବ କିନ୍ତୁ ବିଳାସହୀନା ।
ତା ମଧ୍ୟ ଥାଇ ନ ଥିଲେ ଗତି ସାବଲୀଳା
ବିଭ୍ରଷ୍ଟ ସେହି କବିତା ରସରୀତି ଦୀନା ‖08
(ଛନ୍ଦ: ବସନ୍ତତିଳକା)

ଗୁର୍ବର୍ଥ= ଗୁରୁ+ ଅର୍ଥ; ବିଳାସ= କୌତୁକପୂର୍ଣ୍ଣତା; ସାବଲୀଳ= ଅବଲୀଳା(କ୍ରୀଡା)ସଂଯୁକ୍ତ; ଦୀନ= ଶ୍ରୀହୀନ;

ଅନ୍ତଃସ୍ଥଳେ ସୁଖଦ ସଜ୍ଜବିବକ୍ତ୍ରଲେଖ
କାମପ୍ରଦା ଦ୍ୟୁବନକଳ୍ପଲତାର ତୁଲ୍ୟ ।
ଉନ୍ମତ୍ତତା ଭରି ଦିଏ ପଡୁଁ କର୍ଣ୍ଣରନ୍ଧ୍ରେ
ନିଃସାରଚିତ୍ତ ଜନ ସେ ରସଠାରୁ ଦୂରେ ‖ 09
(ଛନ୍ଦ: ବସନ୍ତତିଳକା)

ଦ୍ୟୁବନ= ସ୍ୱର୍ଗର କାନନ; ନିଃସାର= ନିରସ, ଶୁଷ୍କ;

ବିବିକ୍ତରୁଦନାନ୍ତରେ
ଅବନିଡାକ ହେଲେ ପ୍ରତେ
ଦିନେ ତ ଉଠିବେ ଜନେ
ତମସଗର୍ଭୁ ତେଜସ୍ୱଥେ ।
ଦିନେ ତ କବିତା ପୁନଃ
ହସିବ କାନନେ ପର୍ବତେ
ନଦୀସରସସାଗରେ
ଘରୁ ଘରେ ସଭା ସଙ୍ଗତେ ॥ 10

(ଛନ୍ଦ: ପୃଥ୍ୱୀ)

ବିବିକ୍ତ-ରୁଦନ+ଅନ୍ତରେ= ନିକାଞ୍ଚନରେ କାନ୍ଦି ସାରିବା ପରେ; ତମସ= ଅନ୍ଧକାର; ତେଜଃ= ଆଲୋକ; ସରସ= ହ୍ରଦ;

ଜଳ ଯହିଁ ସମମାତ୍ରା ଶୁଦ୍ଧିଭୃତ୍ ପାନଯୋଗ୍ୟ
ଉଦିତ କରି ହିମତ୍ୱେ ଅନ୍ତରେ ଶାନ୍ତ ଭାବ ।
ରଜତଧବଳ ବର୍ଣ୍ଣେ ଚନ୍ଦ୍ରିକା ରଶ୍ମିଧାରା
ନିୟତ ବିତତ ସେ ଭୂ ସତ୍କବିଙ୍କ ପ୍ରସାଦେ ॥ 11

(ଛନ୍ଦ: ମାଳିନୀ)

ସମ= ଉତ୍ତମ, **fair**; ଶୁଦ୍ଧିଭୃତ୍= ବିଶୁଦ୍ଧ, ପବିତ୍ର; ହିମତ୍ୱ= ଶୀତଳତା; ବିତତ= ପରିପୂର୍ଣ୍ଣ; ଭୂ= ଭୂମି, ଅଞ୍ଚଳ;

(ଛନ୍ଦ: ମାଳିନୀ)

ଜଳଧରୁ ପରିମୁକ୍ତ ପ୍ରୋକ୍ଷିତ ପ୍ରାଣନୀରେ

ଧରଣି ଉପକୃତାମ୍ବା ସୂର୍ଯ୍ୟତାପ ପ୍ରପାତେ ।

ଯବସ ଫଳଦ ବଲ୍ଲୀ ହର୍ଷଣେ ମନ୍ଦ ବାତେ

ସୁକବିର ମତି ମଗ୍ନା ଶାନ୍ତ ସେ ପ୍ରସ୍ଥ ପାଶେ ॥12

(ଛନ୍ଦ: ମାଳିନୀ)

ପରିମୁକ୍ତ= ନିର୍ଗତ, **released;** ପ୍ରୋକ୍ଷିତ= ସିଞ୍ଚିତ; ଯବସ ଫଳଦ ବଲ୍ଲୀ= ତୃଣ ତରୁ ଲତା; ପ୍ରସ୍ଥ= ବ୍ୟାପ୍ତ କ୍ଷେତ୍ର, **expanse;**

ପ୍ରଚଳିତ ଯହିଁ ଚର୍ଚ୍ଚା ଲକ୍ଷ୍ୟ ମଙ୍ଗଳକାରୀ

ନିୟମିତ ମୁଖଭାଷା ଭଦ୍ର ବୈକଳ୍ପହୀନା ।

ନ ଥିବ କିଛି ବିତଣ୍ଡା ଜଳ୍ପ ବାଣୀପ୍ରୟୋଗେ

ରୁଚିକର ହିତକାମେ ସେ ସଭା ସକ୍ରବିଙ୍କ ॥ 13

(ଛନ୍ଦ: ମାଳିନୀ)

ନିୟମିତ= ଶୃଙ୍ଖଳିତ, ସୁସଂଯତ; ବୈକଳ୍ପ= ଅସ୍ପଷ୍ଟତା, **ambiguity;** ହିତକାମ= ମଙ୍ଗଳର କାମନା;

ଯେ ସ୍ଥାନକାଳଘଟନାଚରିତବ୍ୟବସ୍ଥା
ସ୍ୱର୍ଣ୍ଣାକ୍ଷରେ ରଚିତ ସତ୍କବିତୂଳିକାଗ୍ରେ ।
ସେ ସର୍ବ ପୁଣ୍ୟବିଭବ ସ୍ଥିତ ସର୍ବକାଳେ
ଆଶ୍ଚର୍ଯ୍ୟ ସେ କବି ଗଢା କି କଳା କି ସାରେ ॥14

(ଛନ୍ଦ: ବସନ୍ତତିଳକା)

ବ୍ୟବସ୍ଥା= ରୀତିନୀତି, ସ୍ଥିତି, ଅବସ୍ଥା; ତୂଳିକା= କଲମ;
ସାର= ଉପାଦାନ, ingredient;

ଜୟ ପ୍ରୟୋକ୍ତା ସୁବିଶାଳ ହାର୍ଦ୍ଦବାନ୍
ସଭିଙ୍କ ଆତ୍ମୀୟ ଦୟାର୍ଦ୍ର ଭାବୁକେ ।
ସୁକାବ୍ୟକର୍ତ୍ତା ବଚନେ ସୁପୁଷ୍ଟବାନ୍
ନମଃ ସଦା ସତ୍କବି ପୁଣ୍ୟକର୍ଣ୍ଣିକେ ॥ 15

(ଛନ୍ଦ: ବଂଶସ୍ଥ)

ପ୍ରୟୋକ୍ତା= କବି; ହାର୍ଦ୍ଦ= ହୃଦୟ; କର୍ଣ୍ଣିକା= କଲମ;

ଜୟ ପ୍ରଭାମଣ୍ଡଳଦୀପ୍ତକେଶଭୂ
ନମୋଽସ୍ତୁ ତେ ଶର୍ମକରୀଙ୍କ ଦେହଭୂ ।
ସମଗ୍ର ବିଶ୍ୱସ୍ଥ ସୁଶବ୍ଦଦୀପିତା
ନମୋଽସ୍ତୁ ସମ୍ଭାବ୍ୟ ସମଗ୍ର ଭାବଭୃତ୍ ॥ 16

(ଛନ୍ଦ: ବଂଶସ୍ଥ)

ପ୍ରଭାମଣ୍ଡଳଦୀପ୍ତକେଶଭୂ= ଆଭାମଣ୍ଡଳ ଥିବା ଦୀପ୍ତ ମସ୍ତକ ଯାହାର; ଶର୍ମକରୀଙ୍କ ଦେହଭୂ= ସରସ୍ୱତୀଙ୍କ ପୁତ୍ର; ଦୀପିତା= ଉଜ୍ଜ୍ୱଳକାରୀ (ଦୀପିତୃରୁ); ଭାବଭୃତ୍= ଭାବର ଅଧିକାରୀ, ପୋଷଣକାରୀ;

— ସମାପ୍ତ —

==========================

ରଚୟିତା: ଲଲାଟେନ୍ଦୁ କବି

==========================

==========================

==========================

==========================

==========================

ପ୍ରଯୁକ୍ତ ଛନ୍ଦ

ପଦ: ୧
ଛନ୍ଦ: ମାଳିନୀ (15/4672) ସୂତ୍ର:
ନନମୟୟଯୁତେୟଂ ମାଳିନୀ ଭୋଗିଲୋକୈଃ
ଗଣ: ନନମୟୟ
ବର୍ଣ୍ଣ: III III SS•S ISS ISS
by: L Kabi 202601262126

ପଦ: ୨
ଛନ୍ଦ: ଭୁଜଙ୍ଗପ୍ରହାତମ୍ (12/586)
ସୂତ୍ର: XXXXXXXXXXXX
ଗଣ: ୟଗଣ ୟଗଣ ୟଗଣ ୟଗଣ
ବର୍ଣ୍ଣ: ISS ISS ISS ISS
by: L Kabi 202601262126

ପଦ: ୩
ଛନ୍ଦ: ତୋଟକ (12/1756)
ସୂତ୍ର: ଇହ ତୋଟକମମ୍ବୁଧିସୈଃ ପ୍ରଥିତମ୍
ଗଣ: ସଗଣ ସଗଣ ସଗଣ ସଗଣ
ବର୍ଣ୍ଣ: IIS IIS IIS IIS
by: L Kabi 202601262126

ପଦ: ୪-୯
ଛନ୍ଦ: ବସନ୍ତତିଳକା (14/2933)
ସୂତ୍ର: ଉକ୍ତା ବସନ୍ତତିଳକା ତଭଜା ଜଗୌ ଗଃ
ଗଣ: ତଗଣ ଭଗଣ ଜଗଣ ଜଗଣ ଗାଗା
ବର୍ଣ୍ଣ: **SSI SII ISI ISI SS**
by L. Kabi 302602030158

ପଦ: ୧୦
ଛନ୍ଦ: ପୃଥ୍ୱୀ ,(17/ 38750) ସୂତ୍ର:
ଜସୌ ଜସୟଲାଃ ବସୁଗ୍ରହୟତିଶ୍ଚ ପୃଥ୍ୱୀ ଗୁରୁଃ
ଗଣ: ଜ ସ ଜ ସ ୟ + ଲଗା
ବର୍ଣ୍ଣ: **ISI IIS IS••I IIS ISS IS**

ପଦ: ୧୧-୧୩
ଛନ୍ଦ: ମାଳିନୀ

ପଦ: ୧୪
ଛନ୍ଦ: ବସନ୍ତତିଳକା

ପଦ: ୧୫-୧୬
ଛନ୍ଦ: ବଂଶସ୍ଥ (12/1382)

ସୂତ୍ର: ଜତୌ ତୁ ବଂଶସ୍ଥମୁଦୀରିତଂ ଜରୌ ।

ଗଣ: ଜତଜର

ବର୍ଣ୍ଣ: **ISI SSI ISI SIS**

========================

========================

====LKabi 7978680712====

========================

========================

========================